# ଦଳପତି ପଦ ତୁମକୁ ସାଜେ

ଡ. ନଟବର ସାହୁ



ବାରବାର ହୋଇ ଶୁଭୁଛି ଡାକ
"ହିରଣ୍ୟକ ହିରଣ୍ୟକ !
ମୂଷିକରାଜା ହେ ବନ୍ଧୁ ମୋର
ବେଗେ ଆସି ଆମ ଜୀବନ ରଖ ।"

ଶୁଣି ଏଇ ଡାକ ମୂଷିକରାଜ
ବାହାରକୁ ଆସି ହୋଇଲେ ଉଭା
ଦଳବଳ ସହ କପୋତରାଜ
ଦଶା ଦେଖି ସେ ତ ହୋଇଲେ କାବା ।

କପୋତରାଜନ କହିଲେ, "ସଖା
ଯାଇଥିଲୁ ବନ ପଥରେ ଉଡ଼ି
ପଡ଼ିଗଲୁ ଆମେ ବାଣୁଆ ଜାଲେ
ଖୁଦକଣିକାର ଲୋଭରେ ପଡ଼ି ।

ନ ଥିଲା ଉପାୟ ଆମର ଆଉ
ପରାଣ ବିକଳେ ସରବେ ମିଳି
ଜାଲ ସହିତରେ ଆସିଛୁ ଉଡ଼ି
ମରଣର ଭୟ ଦେବାକୁ ଟାଳି ।



ମୋର ଅନୁଗତ କପୋତ ଦଳେ
ତୁମେ ଇ ପାରିବ ମୁକ୍ତ କରି
ମୂଷିକରାଜ ମୋ ବାଲ୍ୟସଖା
ଆମଠି କରୁଣା ବର୍ଷା କରି ।"

ଏହା ଶୁଣିସାରି ହିରଣ୍ୟକ
ବନ୍ଧୁ ନିକଟକୁ ଗଲେ ସେ ଧାଇଁ
ଜାଲ କାଟି ନିଜ ମିତଙ୍କୁ ଆଗ
ବନ୍ଧନୁ ମୁକତି କରିବା ପାଇଁ ।

ଏହା ଦେଖି ତହୁଁ କପୋତରାଜ
ମିତଙ୍କୁ କହିଲେ ବିନୀତ ହୋଇ
"ପରଜାଙ୍କୁ ଆଗ ମୁକ୍ତ କର
ମୋ ଫାଶ କାଟିବ ଶେଷରେ ଭାଇ" ।



ହିରଣ୍ୟକ ହସି କହିଲେ , "ସଖା
ଅଳପ ଶକତି କ୍ଷୀଣ ମୋ ଦେହ
ସବୁ କପୋତର କାଟିବି ଫାଶ
କିପରି ପାରିବି ତୁମେ ଯେ କୁହ !

ତୁମେ ଦଳପତି ବନ୍ଧୁ ମୋର
ପହିଲେ ତୁମକୁ ଦେବି ମୁକତି
ତା'ପରେ କାଟିବି ପାରିବି ଯେତେ
ଦେହେ ଥିବା ଯାଏ ମୋର ଶକତି ।



ଆଶ୍ରିତ ଜନ ରକ୍ଷା ପାଇଁ
ଦଳପତି ସିନା ସାଜିଛି ମୁହିଁ
ତାଙ୍କ ପାଇଁ ପଛେ ଜୀବନ ଯାଉ
ସେଥିପାଇଁ ମୋର ଭାବନା ନାହିଁ" ।



କପୋତ ରାଜନ ବଚନ ଶୁଣି
ହିରଣ୍ୟକ ହସି କହିଲେ ତେଜେ
"ଆଦରଶ ତୁମ ଧନ୍ୟ, ସଖା
ଦଳପତି ପଦ ତୁମକୁ ସାଜେ ।"

## କବି ପରିଚୟ

୧୯୩୯ ମସିହା ଅପ୍ରେଲ ମାସ ୩ ତାରିଖରେ **ଡ. ନଟବର ସାହୁ** ଜନ୍ମଗ୍ରହଣ କରିଥିଲେ, ତାଙ୍କର 'ଅମର ବୈଜ୍ଞାନିକ ମେଘନାଦସାହା', 'ଆଉ ଏକ ଅଧ୍ୟାୟର ଆରମ୍ଭ', 'ଗୋଟିଏ ଅଲିଭା ଜ୍ୟୋତି', 'ଅଜବ ରାଇଜରେ ଗଲିଭର', 'ଅନୁଚ୍ଚାରିତ ସ୍ୱରଲିପି', 'ଅଦୃଶ୍ୟ ଚିତ୍ରପଟ', 'ଅବଲୁପ୍ତ ସିଂହାସନ', 'ତୁମରି ପାଇଁ', 'ଅନୁଶୋଚନା' ଇତ୍ୟାଦି ରଚନା ଓଡ଼ିଆ ସାହିତ୍ୟ ଜଗତକୁ ମହାନ୍ ଦାନ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପ୍ରଥମେ କବି ପରିଚୟ ଓ କବିତାର ପୃଷ୍ଠଭୂମି ସଂପର୍କରେ ଧାରଣା ଦେବେ ।
- କବିତାର କଥାବସ୍ତୁ ପରି ଆଦର୍ଶସ୍ଥାନୀୟ ଅନ୍ୟ କବିତା ବା ଗଳ୍ପର ଅବତାରଣା କରିବେ ।
- ମିତ୍ରଲାଭ ଅନ୍ତର୍ଗତ ଚିତ୍ରଗ୍ରୀବ ଓ ହିରଣ୍ୟକ ଉପାଖ୍ୟାନଟିକୁ ସଂଗ୍ରହକରି ପଢ଼ିବେ ।
- ଏକତା ହିଁ ବଳ – ଏହି ତାତ୍ପର୍ଯ୍ୟଟିକୁ ପିଲାଙ୍କୁ ବୁଝାଇବେ ।
- ବିପଦସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ, ଏ କଥା ପିଲାଙ୍କୁ ବୁଝାଇବେ ।
- ଏକତା, ବନ୍ଧୁତା, ଦଳପତିପଣିଆ ବା ରାଜଧର୍ମ ଭଳି ଗୁଣାବଳୀର ମହତ୍ତ୍ୱକୁ ପିଲାଙ୍କ ନିକଟରେ ପ୍ରତିପାଦନ କରିବେ ।
- 'ସର୍ବନାମ ପଦ' ସଂପର୍କରେ ପିଲାମାନଙ୍କୁ ଧାରଣା ଦେବେ ।

## ସୂଚନା

ଉଭା – ଉପସ୍ଥିତ, ଦେଖା ଦେବା

ଦଶା – ଖରାପ ଅବସ୍ଥା, ଅସୁବିଧା ବା ଖରାପ ସମୟ

କାବା – ଆଶ୍ଚର୍ଯ୍ୟ, ବିସ୍ମିତ

ଟାଳିଦେବା – ଦୂରେଇ ଦେବା, ଏଡ଼େଇ ଦେବା

ଖୁଦକଣିକା – ଧାନରୁ ଚାଉଳ କଲାବେଳେ ସେଥିରୁ କିଛି ଚାଉଳ ଗୁଣ୍ଡ ହୋଇ ଛୋଟ ଛୋଟ ଖଣ୍ଡ ହୋଇଯାଏ । ସେହି ଗୁଣ୍ଡ ଚାଉଳ ଦାନାକୁ ଖୁଦକଣିକା କୁହାଯାଏ ।

ତେଜେ – ଉତ୍ସାହର ସହିତ, ଉଲ୍ଲାସର ସହିତ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅନୁଗତ, କରୁଣା, ବାଲ୍ୟସଖା, ବିନୀତ, ଫାଶ, କ୍ଷୀଣ, ଆଶ୍ରିତ, ଯୋଗ୍ୟ

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

କ) କପୋତଦଳ କି ଅସୁବିଧାରେ ପଡ଼ିଥିଲେ ?

ଖ) ଅସୁବିଧାରୁ ମୁକ୍ତି ପାଇବା ପାଇଁ ସେମାନେ କାହା ପାଖକୁ ଗଲେ ?

ଗ) 'ହିରଣ୍ୟକ' କିଏ ?

ଘ) ସେ ଆଗ କପୋତରାଜଙ୍କୁ ମୁକ୍ତ କରିବାକୁ ଚାହିଁଲେ କାହିଁକି ?

ଙ) ପ୍ରକୃତ ବନ୍ଧୁ କାହାକୁ କୁହାଯାଏ ?

**୨. ଖାଲି ପାଦପୂରଣ କରିବା ।**

କ) ବାରବାର ହୋଇ ଶୁଭୁଛି ଡାକ

..........................................................................................

ଖ) ମୂଷିକରାଜା ହେ ବନ୍ଧୁ ମୋର

..........................................................................................

ଗ) ..........................................................................................

ପରାଣ ବିକଳେ ସରବେ ମିଳି

ଘ) ..........................................................................................

ଦଳପତି ସିନା ସାଜିଛି ମୁହିଁ

ଙ) ଆଦରଣ ତୁମ ଧନ୍ୟ, ସଖା,

..........................................................................................

ଚ) ..........................................................................................

ମୋ ଫାଶ କାଟିବ ଶେଷରେ ଭାଇ ।

**୩. କବିତାରେ ପଦ୍ୟରୂପରେ ଥିବା ଶବ୍ଦଗୁଡ଼ିକୁ ବାଛି ସେଗୁଡ଼ିକର ଗଦ୍ୟରୂପ ଲେଖିବା । ଯେପରି-**

**ପରାଣ - ପ୍ରାଣ** ............. ............. ......................

............. ............. ............. ............. ......................

୪. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସମ୍ପର୍କ ଥିବା ଶବ୍ଦକୁ ଗାରଟାଣି ଯୋଡ଼ିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
| --- | --- |
| ମୂଷିକ | ଦେହ |
| ଖୁଦ | ରାଜା |
| ବାଲ୍ୟ | ଜନ |
| କ୍ଷୀଣ | ସଖା |
| ଆଶ୍ରିତ | କଣିକା |
| | ଶକ୍ତି |

୫. ତଳେ ଗାର ଦିଆଯାଇଥିବା ଶବ୍ଦଗୁଡ଼ିକ ଯେଉଁମାନଙ୍କୁ ବୁଝାଉଛି କବିତାରୁ ଖୋଜି ସେମାନଙ୍କ ନାମ କୋଠରିରେ ଲେଖିବା ।

କ) ମୂଷିକରାଜା ହେ ବନ୍ଧୁ ମୋର

ଖ) ବେଗେ ଆସି ଆମ ଜୀବନ ରଖ

ଗ) ଦଶା ଦେଖି ସେ ତ ହୋଇଲେ କାବା

ଘ) ନ ଥିଲା ଉପାୟ ଆମର ଆଉ

ଙ) ତୁମେ ଇ ପାରିବ ମୁକ୍ତ କରି

ଚ) ବନ୍ଧୁ ନିକଟକୁ ଗଲେ ସେ ଧାଇଁ

ଛ) ତାଙ୍କ ପାଇଁ ପଛେ ଜୀବନ ଯାଉ

ଜ) ଆଦରଶ ତୁମ ଧନ୍ୟ, ସଖା,

୬. ତଳ ଶବ୍ଦଗୁଡ଼ିକର ଅର୍ଥ ବୁଝାଉଥିବା ଆଉ କେତୋଟି ଶବ୍ଦ ଲେଖିବା ।

କ) ବନ୍ଧୁ ..........................................................................

ଖ) ରାଜା ..........................................................................

ଗ) କାବା ..........................................................................

ଘ) ପଥ ..........................................................................

ଙ) ଦେହ ..........................................................................

୭. **ଏହି ପଦଟିର ଅର୍ଥ ନିଜ ଭାଷାରେ ବୁଝାଇ ଲେଖିବା ।**

**ଆଶ୍ରିତ ଜନ ରକ୍ଷାପାଇଁ**

**ଦଳପତି ସିନା ସାଜିଛି ମୁହିଁ**

ଉ.

୮. **ଯେପରି 'ଶୁଭୁଛି' ପଦ ଦରକାର ବେଳେ ଶୁଭିଲା, ଶୁଭିବ ହୋଇପାରେ ସେହିପରି ତଳେ ଦିଆଯାଇଥିବା ଶବ୍ଦର ଦୁଇଟି ଲେଖାଏ ରୂପ ଲେଖିବା**

କହୁଛି..........., ଆସୁଛି.........., ଧାଉଁଛି..........., ହେଉଛି..........., କାଟୁଛି.............

................ .................. ................. ................ ...................

୯. **ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

କ) ହିରଣ୍ୟକ କ'ଣ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ?

ଉ. ..........................................................................................

ଖ) କପୋତମାନେ କାହିଁକି ଏଭଳି ଦଶା ଭୋଗିଲେ ?

ଉ. ..........................................................................................

ଗ) କପୋତରାଜ ପ୍ରଥମେ ବନ୍ଧନରୁ ମୁକ୍ତ ହେବାକୁ ଚାହିଁଲେ ନାହିଁ କାହିଁକି ?

ଉ. ..........................................................................................

ଘ) ତୁମେ କପୋତରାଜାଙ୍କ ସ୍ଥାନରେ ଥିଲେ କ'ଣ କରିଥା'ନ୍ତ ?

ଉ. ..........................................................................................

ଙ) ଏ କବିତାରୁ ତୁମେ କ'ଣ ଶିଖିଲ ଲେଖ ।

ଉ. ..........................................................................................

## ତୁମ ପାଇଁ କାମ

୧. ଏକତା ବଳରେ କ'ଣ କରାଯାଇପାରିବ ବର୍ଣ୍ଣନା କରି ଗଳ୍ପଟିଏ ଲେଖ ।

୨. ଅନ୍ୟପାଇଁ ତ୍ୟାଗର ମହତ୍ୱ ସମ୍ପର୍କରେ ବନ୍ଧୁମାନଙ୍କୁ ୫ ମିନିଟର ବକ୍ତୃତା ଦିଅ ।